# କଷ୍ଟମ୍ ମିଲିଂ ଚାଉଳ ସଂଗ୍ରହ ବନ୍ଦ

**ସୁବର୍ଣ୍ଣପୁର ଜିଲା**
- ୧୨ ପ୍ରତିଶତ ଚାଉଳ ଦେଇଛନ୍ତି ୪୧ ମିଲର୍ସ
- ସରକାରୀ ଗୋଦାମରେ ସ୍ଥାନାଭାବ

**ସୋନପୁର,୧୫।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ହୋଇପାରୁନି। ମିଲର୍ସଙ୍କଠାରୁ ଏଫ୍‌ସିଆଇ(ଭାରତୀୟ ଖାଦ୍ୟ ନିଗମ) ଚାଉଳ ନେବା ବନ୍ଦ କରିଛି। ଫଳରେ ଗତ ୨ତାରିଖରୁ ଡୁଙ୍ଗୁରିପାଲିରେ ଥିବା ଏଫ୍‌ସିଆଇ ଗୋଦାମକୁ ଚାଉଳ ଯୋଗାଣ ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ଗୋଦାମ ଆରଆରସି(ଚାଉଳ ସଂଗ୍ରହ କେନ୍ଦ୍ର)ଗୁଡିକରେ ସ୍ଥାନାଭାବ ଜିଲାର ୪୧ଟି ମିଲର୍ସଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ମିଲିଂ କରି ସରକାର ବାହାର ରାଜ୍ୟ ଓ ଜିଲାକୁ ପଠାଇ ଥାନ୍ତି। କିନ୍ତୁ ଚାଉଳ ବାହାରକୁ ଯାଉ ନ ଥିବାରୁ ଜିଲାର ସରକାରୀ ଗୋଦାମଗୁଡିକ ଭର୍ତ୍ତି ହୋଇ ରହିଛି। ମିଲର୍ସଙ୍କଠାରୁ ଚାଉଳ ସଂଗ୍ରହ ହୋଇ ନ ପାରିଲେ ଆସନ୍ତା ଖରିଫ ଋତୁରେ ଜିଲାରେ ଧାନକିଣାରେ ବାଧା ଉପୁଜିବ ବୋଲି ସ୍ପଷ୍ଟ ହୋଇଛି।

୨୦୧୯-୨୦ ରବିଋତୁରେ ଏହି ଜିଲାରୁ ୨୭ଲକ୍ଷ ୭୦ହଜାର ୭୯୦କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁବର୍ଣ୍ଣପୁର ଜିଲାର ୪୧ମିଲର୍ସ ୨୪ଲକ୍ଷ ୨୩ହଜାର ୬୩୮କ୍ୱିଣ୍ଟାଲ ଓ ସମ୍ବଲପୁର ଜିଲାର ୧୯ଟି ମିଲର୍ସ ୩ଲକ୍ଷ ୪୭ହଜାର ୧୫୧କ୍ୱିଣ୍ଟାଲ ଧାନ ନେଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ମିଲର୍ସମାନେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ୧୬ଲକ୍ଷ ୪୮ହଜାର ୭୪କ୍ୱିଣ୍ଟାଲ ଚାଉଳ ସରକାରଙ୍କୁ ଦେବା କଥା। ଶତ ପ୍ରତିଶତ ଚାଉଳ ଦେଇ ନ ପାରିଲେ ଆସନ୍ତା ଖରିଫ୍ ଧାନ ସଂଗ୍ରହରେ ମିଲର୍ସମାନେ ସାମିଲ ହୋଇ ପାରିବେ ନାହିଁ। ଜୁଲାଇ ୧୩ ସୁଦ୍ଧା ଜିଲାର ମିଲର୍ସ ଏଫ୍‌ସିଆଇ ଗୋଦାମକୁ ୧ଲକ୍ଷ ୫୬ହଜାର ୮୧ କ୍ୱିଣ୍ଟାଲ ଓ ଆର୍‌ଆର୍‌ସି ଗୋଦାମକୁ ୩୭ହଜାର ୬୮କ୍ୱିଣ୍ଟାଲ ଚାଉଳ ଦେଇଛନ୍ତି। ମୋଟ ୧୧.୭୨ ପ୍ରତିଶତ ଚାଉଳ ଜିଲାର ମିଲର୍ସ ଦେବାରେ ସକ୍ଷମ ହୋଇଛନ୍ତି। ଆହୁରି ୧୯ଲକ୍ଷ ୩୧ହଜାର ୫୯କ୍ୱିଣ୍ଟାଲ କଷ୍ଟମ ମିଲିଂ ଚାଉଳ ଦେବାକୁ ଅଛି।

କରୋନା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଗରିବ ହିତାଧିକାରୀଙ୍କୁ ମାଗଣାରେ ଚାଉଳ ଦିଆଯାଉଛି। ତେଣୁ ଏଫ୍‌ସିଆଇରୁ ବାହାର ରାଜ୍ୟକୁ ଆଉ ଚାଉଳ ଯାଉନାହିଁ। ଏଥିପାଇଁ ଏଫ୍‌ସିଆଇ କଷ୍ଟମ ମିଲିଂ ଚାଉଳ ସଂଗ୍ରହ ବନ୍ଦ କରିଛି। ଜିଲା ଯୋଗାଣ ବିଭାଗ କହିଛି ଆର୍‌ଆର୍‌ସିମାନଙ୍କରେ ଚାଉଳ ଦେବା ବ୍ୟବସ୍ଥା କରାଯାଉଛି। ହେଲେ ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲରେ ଥିବା ଆର୍‌ଆର୍‌ସି କମ୍ ଡିଏସ୍‌ସିର ଚାଉଳ ରଖିବା କ୍ଷମତା ମାତ୍ର ୧୭ ହଜାର କ୍ୱିଣ୍ଟାଲ, ସୋନପୁର ପାଣିସିଆଲି ସ୍ଥିତି ଆର୍‌ଆର୍‌ସି କମ୍ ଡିଏସ୍‌ସି-୨ର କ୍ଷମତା ୨୫ ହଜାର କ୍ୱିଣ୍ଟାଲ, ସୋନପୁର ଝିଙ୍କିସ୍ଥିତି ରାଜ୍ୟ ପଣ୍ୟାଗାର ୧ଲକ୍ଷ କ୍ୱିଣ୍ଟାଲ, ବାବୁପାଲିସ୍ଥିତ କେନ୍ଦ୍ରୀୟ ପଣ୍ୟଗାର କ୍ଷମତା ୧ଲକ୍ଷ କ୍ୱିଣ୍ଟାଲ ଓ ବିନିକା ବ୍ଲକ ଅରିଗାଁରେ ଥିବା ପିଇଜିରେ ୫୦ ହଜାର କ୍ୱିଣ୍ଟାଲ ଚାଉଳ ରଖିବା କ୍ଷମତା ବିଶିଷ୍ଟ ଗୋଦାମ ଅଛି। କିନ୍ତୁ ଡୁଙ୍ଗୁରିପାଲି ଏଫ୍‌ସିଆଇ ଗୋଟିଏ ଦିନରେ ୬୦ଲଟ୍ ଅର୍ଥାତ ୧୬ ହଜାର କ୍ୱିଣ୍ଟାଲ ଚାଉଳ ନେଇଥାଏ। ଆର୍‌ଆର୍‌ସିଗୁଡିକ ଦୈନିକ ମାତ୍ର ୬ହଜାର କ୍ୱିଣ୍ଟାଲ ଚାଉଳ ନେଇଥାନ୍ତି। ତେଣୁ ୪୧ଟି ମିଲର୍ସ କଷ୍ଟମ ମିଲିଂ ଚାଉଳ ଆର୍‌ଆର୍‌ସିରେ ଦେବା ଅସମ୍ଭବ ବୋଲି ଜିଲା ମିଲର୍ସ ସଂଘ ସଭାପତି ମନୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ମିଲ୍‌ମାନଙ୍କରେ ଚାଉଳ ଅଧିକ ଦିନ ଗଚ୍ଛିତ ରହିଲେ ତାହା ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ମିଲ୍‌ଗୁଡିକ ଏବେ ବନ୍ଦ ହେବାକୁ ବସିଛି। ଫଳରେ କରୋନା ମହାମାରୀ ସମୟରେ ହଜାର ହଜାର ଶ୍ରମିକ ସେମାନଙ୍କ ରୋଜଗାର ହରାଇବା ଆଶଙ୍କା ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ସରକାରଙ୍କୁ ଏ ବାବଦରେ ଅବଗତ କରାଯାଇଛି। ଆମ ଜିଲାରୁ ମୟୂରଭଞ୍ଜ, ଜଗତସିଂହପୁର ଓ ଅନୁଗୋଳ ଜିଲାକୁ ୬୫ହଜାର କ୍ୱିଣ୍ଟାଲ ଚାଉଳ ଯିବା ପାଇଁ ସରକାରଙ୍କ ନିକଟରୁ ନିର୍ଦ୍ଦେଶ ଆସିଛି। ଚାଉଳ ବାହରକୁ ଗଲେ ଏହି ସମସ୍ୟା ଆଉ ରହିବ ନାହିଁ।

## ସଂକ୍ଷେପରେ

### ଜିଲା ବାହାରକୁ ନ ଯିବାକୁ ଜିଲାପାଳଙ୍କ ପରାମର୍ଶ

**ଝାରସୁଗୁଡ଼ା ଅଫିସ,୧୫।୭:** ଦିନକୁ ଦିନ ଶିଳ୍ପ ନଗରୀ ଝାରସୁଗୁଡ଼ାରେ କରୋନା ସ୍ଥିତି ଗମ୍ଭୀର ହେବାରେ ଲାଗିଛି । ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜିଲାବାସୀ ଅନ୍ୟ ଜିଲାକୁ ନ ଯିବାକୁ ଜିଲାପାଳ ସରୋଜ କୁମାର ସାମଲ ପରାମର୍ଶ ଦେଇଛନ୍ତି। ସେ ଟୁଇଟ୍ କରି କହିଛନ୍ତି, କେବଳ ମେଡିକାଲ କିମ୍ବା ବ୍ୟକ୍ତିଗତ କାମ ଥିଲେ ଆପଣମାନେ ଯାଆନ୍ତୁ । ନଚେତ୍ ଜିଲା ସୀମା ଅତିକ୍ରମ କରନ୍ତୁ ନାହିଁ । ବିଶେଷ କରି ନିଜ ଘରେ ସୁରକ୍ଷିତ ରହିବାକୁ ସେ ଅନୁରୋଧ କରିଛନ୍ତି।

### ଶିଶୁମୃତ୍ୟୁର ତଦନ୍ତ ଦାବି

**ସମ୍ବଲପୁର/ରେଢାଖୋଲ, ୧୫।୭ (ବ୍ୟୁରୋ/ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲ ଡାକ୍ତରଖାନାରେ ଗତ ୧୧ ତାରିଖରେ ଚିକିତ୍ସା ଅଭାବରୁ ଏକ ୫ ଦିନର ଶିଶପୁତ୍ରର ମୃତ୍ୟୁ ଘଟିଛି। ଏହାର ତଦନ୍ତ ଦାବିରେ ବୁଧବାର ଭାଜପା କର୍ମକର୍ତ୍ତା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ଘଟଣା ସମ୍ପର୍କରେ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ରେଢାଖୋଲ ଉପଜିଲାପାଳ, ଏସ୍‌ଡିଏମଓଙ୍କୁ ମଧ ଅଭିଯୋଗ କରାଯାଇଛି। ଏ ପର୍ଯ୍ୟନ୍ତ କିନ୍ତୁ ଏହାର ତଦନ୍ତ କରାଯାଇ ନାହିଁ। ତେଣୁ ତଦନ୍ତ କରାଯାଇ ଦୋଷୀ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ କୁମାର ସାହୁ, ପ୍ରଦୀପ କୁମାର ସୁପକାର ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷେ ଆମ ରେଢାଖୋଲ ପ୍ରତିନିଧି ଜଣାଇଛନ୍ତି ଯେ, ସମ୍ପୃକ୍ତ ଡାକ୍ତରଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିଶୁପୁତ୍ରର ବାପା ରସାନନ୍ଦ ପ୍ରଧାନ ସ୍ଥାନୀୟ ପ୍ରଶାସନ ଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିଏମ୍‌ଓ ଡା. ବିପିନ ବିହାରି ସାହୁ ଘଟଣାର ତଦନ୍ତ ପାଇଁ ଉଚ୍ଚ କର୍ତ୍ତପକ୍ଷଙ୍କୁ ପତ୍ର ଲେଖିବେ ବୋଲି କହିଛନ୍ତି। ଉପଜିଲାପାଳ ମଧ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ସେହିପରି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

### ହତ୍ୟାକାଣ୍ଡ ନେଇ ଚର୍ଚ୍ଚା

**ବରଗଡ଼ ଅଫିସ୍,୧୫।୭:** ବରଗଡ଼ ଜିଲା କଲାପାଣି ଛକ ଅଞ୍ଚଳରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି । ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ କଲାପାଣି ଛକ ଟାୱାର ପାଖରେ ରହୁଥିଲେ ବୋଲି ଆଲୋଚିତ ହେଉଛି । ସୂଚନା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଜଣେ ମହିଳା ଏବଂ ଅନ୍ୟଜଣେ ପୁରୁଷ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କୁ ଡାକ୍ତରଖାନା ଆଣିଥିବା ବ୍ୟକ୍ତି ଜଣକ କିଛି ସମୟ ପରେ ସେଠାରୁ ଖସି ଯାଇଥିଲେ । ପୋଲିସ ଡାକ୍ତରଖାନା ପହଞ୍ଚି ଆହତଙ୍କ ସହ ଆସିଥିବା ମହିଳାଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହିତ ଅଧିକ ଛାନଭିନ୍ ଚଲାଇଛି ।

### ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ: ୯୫% ପାସ୍ ହାର

**ଲୋଇସିଂହା, ୧୫।୭(ଡି.ଏନ.ଏ.):** ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ୯୫.୨୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସ୍କୁଲର ଅନିଷା ତ୍ରିପାଠୀ ସର୍ବାଧିକ ୯୫.୪ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଚଳିତବର୍ଷ ବିଦ୍ୟାଳୟର ୪୨ ଜଣ ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ଦେଇଥିଲେ। ସେଥିରୁ ୪୦ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୨ ଛାତ୍ରୀଛାତ୍ରଙ୍କ କମ୍ପାର୍ଟମେଣ୍ଟାଲ ରହିଛି। ୩୭ ଜଣ ପ୍ରଥମ ଶ୍ରେଣୀ ଓ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲ ଅଧ୍ୟକ୍ଷ ଡ. ବନୀତା ପଟେଲ ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ପୁଣି ୧୦ ପଜିଟିଭ

- ଭିମ୍‌ସାରର ୨ ଡାକ୍ତର, ଜଣେ ନର୍ସ ଅସୁସ୍ଥ
- କୋଭିଡ୍ ମେଡିକାଲ ପରିଦର୍ଶନ କଲେ ଜିଲାପାଳ

**ସମ୍ବଲପୁର,୧୫।୭(ବ୍ୟୁରୋ)**

ସମ୍ବଲପୁର ଜିଲାରେ ବୁଧବାର ପୁଣି ୧୦ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୁଚନା ଦେଇଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୨୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୦୦ ଜଣ ସୁସ୍ଥ ହୋଇ ଫେରିଛନ୍ତି। ବାକି ୨୫ ଜଣ ଚିକିତ୍ସିତ ହେଉଛନ୍ତି। ଆଜି ଚିହ୍ନଟ ହୋଇଥିବା ୧୦ ଜଣଙ୍କ ମଧରେ ଜଣେ ୩୭ ବର୍ଷିୟା ମହିଳା ଓ ଜଣେ ୨୭ ବର୍ଷ ବୟସ୍କ ଯୁବକ ଅଛନ୍ତି। ସେମାନଙ୍କ କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନସର ହସ୍‌ପିଟାଲର ଲିଙ୍କ୍ ରହିଛି। ବିହାରରୁ ଫେରିଥିବା ୨ ଯୁବକ, ପୂର୍ବ ସଂସ୍ପର୍ଶରେ ଆସିଥିବା ଜଣେ ବୃଦ୍ଧ ଓ ଜଣେ ଯୁବକ, ଦିଲ୍ଲୀରୁ ଫେରିଥିବା ଜଣେ ୪୩ ବର୍ଷିୟା ମହିଳା, ବୁର୍ଲା ଭିମସାରର ୨ ଜଣ ଡାକ୍ତର ଓ ଜଣେ ନର୍ସ ଅଛନ୍ତି।


ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା କୋଭିଡ୍ ମେଡିକାଲରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

ଆଜି ଜିଲାପାଳ ଶୁଭମ୍ ସକସେନା ସମ୍ବଲପୁର କୋଭିଡ-୧୯ ମେଡିକାଲ ଓ ବୁର୍ଲା ଭିମସାର ପରିଦର୍ଶନ କରି ସେଠାକାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଶେଷ କରି ଡାକ୍ତର ଓ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଜିଲାପାଳ ବୁର୍ଲା ମେଡିକାଲରେ ଡାକ୍ତର,କର୍ମଚାରୀମାନେ ରହୁଥିବା କ୍ୱାରାଣ୍ଟାଇନ ସେଣ୍ଟରକୁ ଯାଇଥିଲେ। ସେଠାରେ ରହୁଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। କରୋନା ମୁକାବିଲା ପାଇଁ କାମ କରୁଥିବା ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶାସନ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତଙ୍କ ସ୍କ୍ରିନିଂ କରିବା ପରେ ଚିକିତ୍ସା ସେବା ଆରମ୍ଭ କରାଯାଉ। ନଚେତ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ରହୁଛି ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ କୋଭିଡ୍ ହସ୍ପିଟାଲ ପରିଦର୍ଶନ ବେଳେ ଜିଲା ସ୍ୱାସ୍ଥ୍ୟବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଫେରାଦ

**ଦେଓଗାଁ,୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ସଦର ବ୍ଲକ ଅଞ୍ଚଳରେ ମକୁଳା ପଡିଛି ବହୁ ବିଦ୍ୟୁତ୍ ଟ୍ରାନ୍ସଫରମର। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଟ୍ରାନ୍ସଫର୍ମର ଗୁଡିକ ଚାରିପାଖେ ପାଚେରି ନିର୍ମାଣ କରାଯାଉ ନାହିଁ। ଏ ନେଇ ଉଦ୍‌ବେଗ ପ୍ରକାଶ କରିଛି ମାହେଶ୍ୱରୀ ସଂଗଠନ। ବିଶେଷ କରି କୁଡାସିଂହାରେ ମୁକୁଳା ପଡିଥିବା ୫ଟି ଟ୍ରାନ୍ସଫରମରର ତୁରନ୍ତ ବାଡ ବ୍ୟବସ୍ଥା କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସଂଗଠନ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ଉପଦେଷ୍ଟା ବ୍ୟାସଦେବ ନନ୍ଦ, ଶାଖା ସଭାପତି ଚିତ୍ତରଞ୍ଜନ ପଧାନ, ମନୋଜ ଖାଙ୍କର, ଆଶିଷ ଜେନା ପ୍ରମୁଖ ବଲାଙ୍ଗୀର ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାୟକଙ୍କୁ ସାକ୍ଷାତ୍ କରି ତୁରନ୍ତ ବାଡା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଗତ ମଙ୍ଗଳବାର କୁଡାସିଂହା ପ୍ରାଥମିକ ବିଦ୍ୟାଳୟ ନିକଟ ମୁକୁଳା ଟ୍ରାନ୍ସଫରମର ସଂସ୍ପର୍ଶରେ ଆସି ଏକ ଗାଇର ମୃତ୍ୟୁ ହୋଇଥିବା ନେଇ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କ୍ଷତିଗ୍ରସ୍ତ ଚାଷୀ ଭକ୍ତ ପୁଟେଲଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ଦାବି ଜଣାଇଥିଲେ। କୁଡାସିଂହା ମାହେଶ୍ୱରୀ ସଂଗଠନ କର୍ମକର୍ତ୍ତା ବଲାଙ୍ଗୀର ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଅନିୟମିତ ବର୍ଷା, ଖରିଫ ଚାଷ ବିଳମ୍ବିତ

**ଦେଓଗାଁ ବ୍ଲକ**
- ଲକ୍ଷ୍ୟଧାର୍ଯ୍ୟ ପୂରଣ ନେଇ ଅନିଶ୍ଚିତତା

**ଦେଓଗାଁ,୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତ ବର୍ଷ ବିଳମ୍ବିତ ହୋଇଛି ଖରିଫ ଚାଷ। ଅଦ୍ୟାବଧି ବ୍ଲକର ୮୦ପ୍ରତିଶତ ଚାଷୀଙ୍କ ଜମିରେ ପହ୍ଲାରୁଆ ହୋଇପାରିନାହିଁ। ଚଳିତବର୍ଷ ଆଗୁଆ ବର୍ଷା ହେବାଦ୍ୱାରା ଅନେକ ଚାଷୀ ଜମି ପ୍ରସ୍ତୁତ କରିପାରି ନ ଥିଲେ। ପରେ ଅନିୟମିତ ବର୍ଷା ଯୋଗୁ ଚାଷକାର୍ଯ୍ୟ ପଛେଇ ଯାଇଛି। ଫଳରେ ଚଳିତବର୍ଷ କୃଷି ବିଭାଗ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ପୂରଣକୁ ନେଇ ଅନଶ୍ଚିତତା ଦେଖାଦେଇଛି।

ବିଭାଗୀୟ ସୂଚନାନୁସାରେ ଚଳିତବର୍ଷ ବ୍ଲକର ୧୨୭ଖଣ୍ଡ ରାଜସ୍ୱ ଗାଁରେ ଥିବା ୨୦ ହଜାର ୧୭୫ ହେକ୍ଟର ଚାଷଜମିରୁ ୧୦ହଜାର ୫୩୦ ହେକ୍ଟର ଜମିରେ ଧାନ, ମକା ୪୭୦ ହେକ୍ଟର, ଡାଲି ଜାତୀୟ ୫୧୫୫ହେକ୍ଟର, ତୈଳବୀଜ ୨୩୦ହେକ୍ଟର, କପା(ତନ୍ତୁଜାତୀୟ)୧୫୬୦ହେକ୍ଟର, ପନିପରିବା ୨୦୬୦ ହେକ୍ଟର, ଆଖୁ ୫୦ ହେକ୍ଟର,ମସଳା ଜାତୀୟ ୯୦ ହେକ୍ଟର ତଥା ଉଦ୍ୟାନ କୃଷି ୧୦ ହେକ୍ଟର ଜମିରେ ଚାଷ କରାଯିବାର ଲକ୍ଷ୍ୟଧାର୍ଯ୍ୟ ରହିଛି। ସରକାରଙ୍କ ସବୁଜ ବିପ୍ଳବ ଯୋଜନାରେ ୧୫୦ ହେକ୍ଟର ଧାଡିରୁଆ ପାଇଁ ସହାୟତା ରହିଥିବା ବେଳେ ୫୦ ହେକ୍ଟର ଜମିରେ ମରୁଡି ସହନଶୀଳତା ଧାନଚାଷ କରାଯିବା ଲକ୍ଷ୍ୟ ରହିଛି। ଜାତୀୟ ନିରାପତ୍ତା ମିଶନ ଯେଜନାରେ ଆଗୁଆ ଧାଡି ପ୍ରଦର୍ଶନ କ୍ଷେତ୍ରଭାବେ ୫୦ହେକ୍ଟର ଜମିରେ କପାଚାଷ କରାଯିବ। ରାଜ୍ୟ ଯୋଜନାରେ ଅଣଧାନ ପ୍ରୋତ୍ସାହନ ବର୍ଡର କ୍ରପ ଭାବେ ୨୦୦ ହେକ୍ଟର ଜମିରେ ହେକ୍ଟର ପିଛା ୨କେଜି ହିସାବରେ ବିହନ ଆସିଛି। ସବୁଜ ସାର ଭାବେ ଛଣି ଜାତୀୟ ପାଇଁ ହେକ୍ଟର ପିଛା ୯.୭ କେଜି ବିହନ ବଣ୍ଟନର ବ୍ୟବସ୍ଥା ରହିଛି। ୩ଶହ ହେକ୍ଟରରେ ରାହାଡି ଡାଲି ଚାଷ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ହେକ୍ଟର ପିଛା ୨.୫୦କେଜି ବିହନ ଦିଆଯିବ। ସେହିପରି ରାଜ୍ୟ ଯୋଜନାରେ ସବୁଜ ସାର ଭାବେ ୧୧ ହେକ୍ଟର ଜମି ପାଇଁ ବିହନ ଦିଆଯାଇଥିବା ସୂଚନା ମିଳିଥିବା ବେଳେ ବ୍ଲକରେ ୯୮ ହେକ୍ଟର ଧାଡିରୁଆ ପାଇଁ ହେକ୍ଟର ପିଛା ୧୩ଶହ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ବିପିନ ବିହାରୀ ଉଦ୍‌ଗାତା ସୂଚନା ଦେଇଛନ୍ତି।

# ଭିନ୍ନକ୍ଷମଙ୍କ ଚିକିତ୍ସା ପାଇଁ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର

**ସୁନ୍ଦରଗଡ଼,୧୫।୭(ଡି.ଏନ୍.ଏ.)**

ଦୁର୍ଘଟଣା ପରବର୍ତ୍ତୀ ଚିକିତ୍ସା ଏବଂ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଆରଡିସି ନିରଞ୍ଜନ ସାହୁ ଏହି କେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି। ଏହି କେନ୍ଦ୍ର ଲୋକାର୍ପଣ ବେଳେ ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା, ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ପିଡି ଡିଆରଡିଏ ଭୈରବ ସିଂ ପଟେଲ, ସିଡିଏମଓ ଡାଃ ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ତେବେ ଭିନ୍ନକ୍ଷମଙ୍କ ଚିକିତ୍ସା ଓ ପୁନର୍ବାସ ପାଇଁ ପ୍ରସ୍ତୁତ ଏହି ଅତ୍ୟାଧୁନିକ ବ୍ୟବସ୍ଥା ପଶ୍ଚିମ ଓଡିଶାରେ ପ୍ରଥମ। ସୁନ୍ଦରଗଡ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍ )ର ଆର୍ଥିକ ସହାୟତା ଏବଂ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏଠାରେ ଗରିବ ଶ୍ରେଣୀର ଭିନ୍ନକ୍ଷମ ଲୋକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ତେବେ ବର୍ଷକୁ ୪ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବର୍ଗର ଭିନ୍ନକ୍ଷମ ହିତାଧିକାରୀଙ୍କ କ୍ଷେତ୍ରରେ ମାଗଣାରେ କୃତ୍ରିମ ଅଙ୍ଗ ପ୍ରତିରୋପଣ କରିବାର ସୁବିଧା ରହିଛି। ବିଶେଷ କରି ଦୁର୍ଘଟଣାରେ ଅଙ୍ଗ ହରାଇଥିବା ଲୋକଙ୍କ ପାଇଁ ଏହି ପୁନର୍ବାସ କେନ୍ଦ୍ର ବରଦାନ ସଦୃଶ ହେବ। ସେହିପରି ସେମାନଙ୍କୁ ନିଜର ଜୀବନ ଓ ଜୀବିକା ପରିଚାଳନା କରିବା ସହିତ ସମାଜରେ ସମ୍ମାନଜନକ ଭାବେ ବଞ୍ଚିବା ପାଇଁ ନୂଆ ରାସ୍ତା ଦେଖାଇବ। ଏହି କେନ୍ଦ୍ରରେ ଅତ୍ୟାଧୁନିକ ରୋବୋଟିକ୍ସ ଫଜିଓଥେରାପି ସୁବିଧା ରହିଛି। ଅତ୍ୟାଧୁନିକ ଲାବୋରୋଟୋରୀ ସହିତ ଭିନ୍ନକ୍ଷମମାନେ ନିଜକୁ ପରିଚାଳନା କରିବା ପାଇଁ ତାଲିମ ଏବଂ ସେମାନଙ୍କ ଯତ୍ନ ନେବାର ବ୍ୟବସ୍ଥା ରହିଥିବାରୁ ଏଥିରୁ ବହୁଲୋକ ଉପକୃତ ହେବେ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି। ଏହି କେନ୍ଦ୍ର ଖୋଲିବା ପାଇଁ ସୁନ୍ଦରଗଡ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ୧୩କୋଟି ଟଙ୍କା ଯୋଗାଇ ଦିଆଯାଇଛି।


ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ରାସ୍ତା ପ୍ରଶସ୍ତୀକରଣ ସ୍ଥଗିତ ରଖିବା ଦାବିରେ ଧାରଣା

**ମୈତ୍ରୀ ମହଲ-ଗାନ୍ଧୀନଗରପଡ଼ା ରାସ୍ତା**

**ବଲାଙ୍ଗୀର ଅଫିସ, ୧୫।୭**

ବଲାଙ୍ଗୀର ମୈତ୍ରୀମହଲରୁ ଗାନ୍ଧୀ ନଗରପଡା ଛକ ରାସ୍ତା ପ୍ରଶସ୍ତିକରଣ କାମକୁ ସ୍ଥଗିତ କରିବାକୁ ହାଟପଦାପଡା ଓ ଗାନ୍ଧୀନଗରପଡାର ଲୋକେ ଦାବି କରିଛନ୍ତି। ଏ ନେଇ ପଡାର କେତେକ ଲୋକ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଧାରଣାରେ ବସିଥିଲେ। କରୋନା ମହାମାରୀ ଓ ବର୍ଷାଦିନ ଚାଲିଥିବାବେଳେ ରାସ୍ତା ପ୍ରଶସ୍ତିକରଣ ପାଇଁ ଘର ଭାଙ୍ଗିଲେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାଇଥିଲେ। ପ୍ରସ୍ତାବିତ ରାସ୍ତା ପ୍ରଶସ୍ତିକରଣ ପାଇଁ ରାସ୍ତାର ଉଭୟ କଡରେ ଯେତିକି ସରକାରୀ ଜମି ରହିଛି ତାକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଉଛି। ତେବେ ଧାରଣାରତ ପଡାବାସୀ ଏହି ରାସ୍ତାରେ ଯିବା ଆସିବା ବେଳେ କୌଣସି ଅସୁବିଧା ହୋଇ ନ ଥାଏ ବୋଲି ଉଲ୍ଲେଖ କରିଛନ୍ତି। ଏଣୁ କେବଳ ରାସ୍ତାକୁ ୨୫ ଫୁଟ୍ ପ୍ରଶସ୍ତିକରଣ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଧାରଣାକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ହେଲା ଏହି ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଡିମାର୍କେଶନ୍ କରାଯାଉଛି। ଯେ, ରାସ୍ତା ପ୍ରଶସ୍ତିକରଣ ପାଇଁ କିଛିଦିନ


ଉପଜିଲାପାଳ କାର୍ଯ୍ୟାଳୟରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସ୍ଥଗିତ ଦାବିରେ ଧାରଣା।

# ସିବିଏସ୍‌ଇ ପରୀକ୍ଷାରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ବରଗଡ଼ ଅଫିସ୍,୧୫।୭**


ଅନ୍ୱେଷା ଭୋଇ


ବଂଶିକା ଅଗ୍ରୱାଲ


ନିକିତା ଗଙ୍ଗଦେବ


ଅନୁଜ ବଂଶଲ


ଇଶିକା ଅଗ୍ରୱାଲ

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳରେ ବିକାଶ ଗ୍ରୁପ ସଫଳତା ହାସଲ କରିଛି। ଦଶମ ଶ୍ରେଣୀ ପରୀକ୍ଷାଫଳରେ ୪୬ଜଣ ୯୫, ୧୫୬ଜଣ ୯୦ ଏବଂ ୩୭୭ଜଣ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରଗଡ଼ ଶାଖାର ୭୭, ଭୁବନେଶ୍ୱର ଶାଖାର ୫୭, ସମ୍ବଲପୁର ଶାଖାର ୧୭, ବିକାଶ ପରିଚାଳିତ ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲର ୫ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ପ୍ରଥମ ଶ୍ରେଣୀରେ ୬୯୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବରଗଡ଼ ଶାଖାର ୩୨୪, ଭୁବନେଶ୍ୱର ଶାଖାର ୨୩୨, ସମ୍ବଲପୁର ଶାଖାର ୮୨, ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲର ୬୧ଜଣ ରହିଛନ୍ତି। ବିକାଶ ରେସିଡେନ୍ସିଆଲ ସ୍କୁଲ, ବରଗଡ଼ର ବଂଶିକା ଅଗ୍ରୱାଲ ଓ ଅନ୍ୱେଷା ଭୋଇ ୯୮.୪, ଓମ୍‌କୁମାର ରଥ ୯୮, ଆୟୁଷ ରଞ୍ଜନ ପଟେଲ ୯୭.୪, ଆୟୁଷ ବିଶ୍ୱାଳ ୯୭ ପ୍ରତିଶତ, ଭୁବନେଶ୍ୱର ଶାଖାର ପ୍ରଜ୍ୱଳ ସାହୁ ୯୭.୮, ତେଜସ୍ୱୀ ସାହୁ ୯୭.୮, ଶୁଭରଞ୍ଜନ ମଙ୍ଗରାଜ ୯୭.୪, ବିଶ୍ୱଜିତ ସାହୁ ୯୭.୨, ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲର ଆଯର୍ୟନ ସ୍ୱାଇଁ ୯୪.୬ ମାର୍କ ରଖି ଶୀର୍ଷରେ ରହିଛନ୍ତି।

ସେହିପରି ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାରେ ବିକାଶ ରେସିଡେନ୍ସିଆଲ ସ୍କୁଲ ସଫଳତା ହାସଲ କରିଛି। ସ୍କୁଲର ସର୍ବାଧିକ ୨୮୯ ଛାତ୍ରୀଛାତ୍ର ୯୦ପ୍ରତିଶତ ଏବଂ ୫୪୪ ଛାତ୍ରୀଛାତ୍ର ୮୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୧୬୯, ଭୁବନେଶ୍ୱର ଶାଖାର ୮୧, ସମ୍ବଲପୁର ଶାଖାର ୯ଜଣ ଅଛନ୍ତି। ବିଜ୍ଞାନରେ ବରଗଡ଼ର ନିକିତା ଗଙ୍ଗଦେବର ୯୭.୪, ଅନୁଜ ବଂଶଲ ୯୭.୪, ଶ୍ରେୟାରାଣୀ ନାୟକ ୯୬.୮, ଶୁଭଙ୍କର ପାତ୍ର ୯୬.୬, ଧୀରଜ ପଟେଲ ୯୬.୪, ସ୍ୱାତୀ ବିଦ୍ୟୁସ୍ମିତା ନାଗ ୯୬, ସ୍ମୃତି ସୁଚରିତା ମହାନ୍ତି ୯୬ପ୍ରତିଶତ, ଭୁବନେଶ୍ୱର ଶାଖାର ଦେବବ୍ରତ ପାଢ଼ୀ ୯୬.୮, ସମ୍ବିତ ସଂକଳ୍ପ ୯୬.୬ ଏବଂ ସମ୍ବଲପୁର ଶାଖାର ଦିବ୍ୟରଞ୍ଜନ ଓରାମ ୯୩ପ୍ରତିଶତ ରଖି ସଫଳତାର ଶୀର୍ଷରେ ରହିଛନ୍ତି। ସେହିପରି ବାଣିଜ୍ୟରେ ୩୦ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ଶାଖାର ୨୨, ସମ୍ବଲପୁର ଶାଖାର ୫ ଏବଂ ଭୁବନେଶ୍ୱର ଶାଖାର ୩ଜଣ ରହିଛନ୍ତି। ବରଗଡ଼ର ଇଶିକା ଅଗ୍ରୱାଲ ୯୭, ଦିନେଶ କୁମାର ମେହେର ୯୬, ଭୁବନେଶ୍ୱର ଶାଖାର ସିଦ୍ଧାନ୍ତ ସାହୁ ୯୫, ସାଇ ସିମରନ ଦୋରା ୯୫ ଏବଂ ସମ୍ବଲପୁର ଶାଖାର ବର୍ଣ୍ଣାଳୀ ଗର୍ଡ଼ିଆ ୯୪.୮ ପ୍ରତିଶତ ରଖି ସଫଳତାର ଶୀର୍ଷରେ ରହିଛନ୍ତି।

ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି . ମୁ ର ଲ ୀ କ୍ର ୀ ଷ୍ଣ ା , ଏ ଜ କ୍ୟୁ ଟି ଭ୍ ଡାଇରେକ୍ଟର, ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରୀଷ୍ଣା, ଏକ୍ସ୍‌କ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର(ଏଡ଼ମିନିଷ୍ଟ୍ରେଶନ) ଡି.ବିବେକ, ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା, ଡିନ୍ ଅଫ୍ ସ୍କୁଲ ପୀତାମ୍ବର ଦାସ, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ପ୍ରଦୀପ କୁମାର ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### କଟାରେ ବୁଡି ଜଣେ ମୃତ

ରେଙ୍ଗାଲି, ୧୫।୭ (ଡି.ଏନ.ଏ.)- ସମ୍ବଲପୁର ଜିଲା କତରବଗା ଥାନା ଝାଙ୍କରପାଲି ଗାଁର ଜଣେ ବୃଦ୍ଧ କଟାରେ ଗାଧୋଉଥିବାବେଳେ ବୁଡିଯିବାରୁ ମୃତ୍ୟୁ ଘଟିଛି। ଏହି ବୃଦ୍ଧ ଜଣକ ହେଉଛନ୍ତି ଶଙ୍କର ବଗର୍ତ୍ତା। ମଙ୍ଗଳବାର ସେ କଟାକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ । ଘର ଲୋକେ ସବୁ ଜାଗାରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ କୌଣସି ପତ୍ତା ମିଳି ନ ଥିଲା । ବୁଧବାର କଟାରେ ସେ ଭାସୁଥିବା ଗାଁ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଥିଲା । କତରବଗା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଯୌତୁକ ନିର୍ଯାତନା ଅଭିଯୋଗ

ରେଢ଼ାଖୋଲ,୧୫।୭(ଡି.ଏନ.ଏ.) ଅନୁଗୋଳ ଜିଲା ହଣ୍ଡପା ଥାନା ଅଧୀନ ଅଶ୍ରୁବାହାଳ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଛନ୍ତି। ରେଢ଼ାଖୋଲ ଥାନାରେ ବୁଧବାର ଏ ନେଇ ସମ୍ପୃକ୍ତ ମହିଳା ଜଣକ ଅଭିଯୋଗ କରିଛନ୍ତି। ପୋଲିସ ମହିଳାଙ୍କ ଅଭିଯୋଗ କ୍ରମେ ଦଫା ୪୯୮(କ), ୫୦୬ ଓ ୪ ଡିପି ଆକ୍ଟରେ ଏକ ମାମଲା (ନଂ ୧୧୭/୨୦) ରୁଜୁ କରି ଘଟଣାର ତଦନ୍ତ କରୁଛି। ୨୦୧୯ ମାର୍ଚ୍ଚ ୮ରେ ଡଇଁଚା ଗ୍ରାମର ଗୌରଚନ୍ଦ୍ର ପ୍ରଧାନଙ୍କ ଝିଅ ଗିତାଞ୍ଜଳି ପ୍ରଧାନ ଅଶ୍ରୁବାହାଳର ସୁଦର୍ଶନ ଦେହୁରୀଙ୍କ ପୁଅ ପ୍ରକାଶ ଦେହୁରୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଏକ ମାସ ପରେ ପ୍ରକାଶ ୨ଲକ୍ଷ ଟଙ୍କା ଓ ଏକ ବାଇକ୍ ବାପ ଘରୁ ଆଣିବାକୁ ଗୀତାଞ୍ଜଳିଙ୍କ ଉପରେ ଚାପ ପକାଇଥିଲେ। ନ ଆଣିଲେ ଆଉ ଶାଶୁ ଘରକୁ ନ ଆସିବାକୁ ଧମକ ଦେଇଥିଲେ। ସେହିଦିନଠାରୁ ଗୀତାଞ୍ଜଳି ଆଉ ଶାଶୁ ଘରକୁ ନ ଯାଇ ଅନେକ ଥର ମିଳାମିଶା ପାଇଁ ବନ୍ଧୁ ପରିଜନଙ୍କୁ ଧରି ଉଦ୍ୟମ କରିଥିଲେ। ହେଲେ ପ୍ରକାଶ ଯୌତୁକ ପାଇଁ ଜିଦ କରିବାରୁ ଗୀତାଞ୍ଜଳି ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ରେଳପଥ ପ୍ରମୁଖ ମୁଖ୍ୟ ଇଞ୍ଜିନିୟରଙ୍କ ଦେଓଗାଁ ରୋଡ ନିରୀକ୍ଷଣ

ସମ୍ବଲପୁର, ୧୫।୭ (ବ୍ୟୁରୋ) ପୂର୍ବତଟ ରେଳବାଇର ପ୍ରମୁଖ ମୁଖ୍ୟ ଇଞ୍ଜିନିୟର ଏନ.ଏସ. ଯୁକେ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଦେଓଗାଁ ରୋଡ ସେକସନ୍ ନିରୀକ୍ଷଣ କରିଛନ୍ତି । ସେ ସେକ୍ସନାଲ ବେଗ ବୃଦ୍ଧି, ସମ୍ବଲପୁର- ଦେଓଗାଁ ରୋଡ ମଧରେ ରିଅର୍ ଉଇଣ୍ଡୋ, ବରପାଲି- ଖଲିଆପାଲି ଓ ଦେଓଗାଁ ରୋଡ- ବଲାଙ୍ଗୀର ଷ୍ଟେଶନ ମଧରେ ସ୍ପିଡ୍ ଟ୍ରାଏଲ ନିରୀକ୍ଷଣ କରିଥିଲେ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) ଅରୁଣ କୁମାର ମହାରଣା, ମଣ୍ଡଳ ଯନ୍ତ୍ରୀ (ପଶ୍ଚିମ) ପଙ୍କଜ କୁମାର ନାଗୱାନି, ମଣ୍ଡଳ ଯନ୍ତ୍ରୀ (ମଧ) ସରୋଜକାନ୍ତ ମଣ୍ଡଳ ଉପସ୍ଥିତ ଥିଲେ।

### ପାନୀୟ ଜଳ ପ୍ରକଳ୍ପ ଫିଲ୍ଟର ଅଚଳ

ସମ୍ବଲପୁର,୧୫।୭(ବ୍ୟୁରୋ)-ସମ୍ବଲପୁର ଜିଲା ତାଲବ ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ମରାମତି କରାଯିବାକୁ ଗାଁ ଲୋକେ ବୁଧବାର ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ବିଶୁଦ୍ଧ ଜଳ ପାଇଁ ଉଦ୍ଦିଷ୍ଟ ଫିଲ୍ଟର ଏବେ ସମ୍ପୂର୍ଣ୍ଣ ଭାବେ ଖରାପ ହୋଇଯାଇଛି। ସେହିଭଳି ଜଳ ଯୋଗାଣ ପାଇପ ଗୁଡିକ ମଧ ଫାଟି ଯିବା ସହ ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷେ ଗ୍ରାମବାସୀ ନିର୍ଭର କରୁଥିବା ହରାସାଗର ପୋଖାରୀ ଅନା ବନା ଲଟାରେ ଭର୍ତ୍ତି ହୋଇଯାଇଛି। ତେଣୁ ଫିଲ୍ଟର ଓ ପାଇପ ମରାମତି କରି ଜଳ ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି।

### ଲାଠୋର: ବୃଦ୍ଧି ପାଇଛି ବାଲି ଦର

ଲାଠୋର, ୧୫।୭ (ଡି.ଏନ.ଏ.)- ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ବାଲିଦର ବୃଦ୍ଧି ପାଇଛି। ଫଳରେ ହିତାଧିକାରୀମାନେ ବାସଗୃହ ନିର୍ମାଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍‌ଡାଉନ ପୂର୍ବରୁ ଲାଠୋର ଅଞ୍ଚଳରେ ବାଲି ଟ୍ରାକ୍ଟର ପିଛା ୮ଶହରୁ ୧ ହଜାର ଟଙ୍କା ଦରରେ ବିକ୍ରି ହେଉଥିଲା। ହେଲେ ଏବେ ଏହା ୨ହଜାର ଟଙ୍କାରେ ପହଞ୍ଚିଛି। ଏଥିଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ମୋ କୁଡିଆ ଯୋଜନାରେ ବାସଗୃହ ନିର୍ମାଣ କରୁଥିବା ହିତାଧିକାରୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ସାଧାରଣତଃ ବେନ୍ଦେର ଅଞ୍ଚଳରୁ ଆସୁଥିବା ବାଲିର ଦର ହଠାତ୍ ଏପରି ବଢ଼ିଯିବା ନେଇ ଖପ୍ରାଖୋଲ ତହସିଲଦାର ଏବଂ ଲାଠୋର ରେଞ୍ଜରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଚାଷୀଙ୍କ ପସନ୍ଦ ଯୋଗ୍ୟ ବିହନ ଅଭାବ



- ପାରମ୍ପରିକ ଧାନ ବିହନରେ ଚାଲିଛି ଚାଷ
- କମ୍ପାନୀ,ଘରୋଇ ଡିଲରଙ୍କଠାରୁ ବିହନ କିଣି ଚାଷୀ କ୍ଷତିଗ୍ରସ୍ତ

ଭବାନୀପାଟଣା,୧୫।୭(ଡି.ଏନ୍.ଏ.)

କଳାହାଣ୍ଡି ରାଜ୍ୟର ଦ୍ୱିତୀୟ ଧାନ ଉତ୍ପାଦନକାରୀ ଜିଲାର ମାନ୍ୟତା ପାଇଛି। ଜିଲାରେ ଏବେ ବର୍ଷକୁ ପ୍ରାୟ ୮୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହେଉଛି। ତଥାପି ଚାଷୀଙ୍କ ସମସ୍ୟା ଶୁଣିବାକୁ କେହି ନାହାନ୍ତି । ମଣ୍ଡିରେ ଲାଗି ରହିଥିବା ଅବ୍ୟବସ୍ଥା ଚାଷୀକୂଳକୁ ଅଡୁଆରେ ପକାଇଛି । ଏଣେ ଚାଷୀମାନଙ୍କ ପସନ୍ଦ ଯୋଗ୍ୟ ବିହନ ମିଳୁ ନାହିଁ। ବାଧ୍ୟ ହୋଇ ଚାଷୀମାନେ ପାରମ୍ପରିକ ବିହନ ଉପରେ ଭରସା କରିଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୨ ଲକ୍ଷ ୪ ହଜାର ୪୫୮ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୭୦ ହଜାର କୁଇଣ୍ଟାଲ ଧାନ ବିହନର ଆବଶ୍ୟକତା ରହିଛି। ବିହନ ନିଗମ ଜରିଆରେ ପ୍ୟାକ୍ସ, ଲେମ୍ପ ଓ ଘରୋଇ ଡିଲରମାନଙ୍କ ଦ୍ୱାରା ଧାନ ବିହନ ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ଯେଉଁ ବିହନକୁ ଚାଷୀମାନେ ପସନ୍ଦ କରୁଛନ୍ତି ସେହି ବିହନ ଚାହିଦା ମୁତାବକ ମିଳୁନାହିଁ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି । ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ୩୧୪.୮୦ କୁଇଣ୍ଟାଲ ଖଣ୍ଡଗିରି, ୧୬୪.୪୦ କୁଇଣ୍ଟାଲ ଏମ୍‌ଟିୟୁ-୧୦୧୦, ୮୯୪.୬୦ କୁଇଣ୍ଟାଲ ଲଲାଟ , ୧୨୫୯.୨୦ କୁଇଣ୍ଟାଲ ଆଇଏମ୍‌ପି ଲଲାଟ, ୪୧୧ କୁଇଣ୍ଟାଲ ବୀଣା-୧୧, ତରଙ୍ଗିନୀ ୯୧୦.୮୦ କୁଇଣ୍ଟାଲ, ଚନ୍ଦ୍ରା ୩୮୪ କୁଇଣ୍ଟାଲ, ଡିଆର୍‌ଆର୍-୪୨ ୨୯୦.୬୦ କୁଇଣ୍ଟାଲ, ମଉଡମଣି ୨୦୨ କୁଇଣ୍ଟାଲ, ଶମ୍ଭା- ସବ୍ ୧ଏଫ୍ ୧ କୁଇଣ୍ଟାଲ, ଶାରଳା ଏ-୨ କୁଇଣ୍ଟାଲ, ଏମ୍‌ଟିୟୁ-୨୦୧୯ ଧାନ ୪୧୩୦.୩୦ କୁଇଣ୍ଟାଲ, ଏସ୍-ସବ-୧ ଧାନ ୯୯୯ କୁଇଣ୍ଟାଲ, ପୂଜା ୨୨୬୮ କୁଇଣ୍ଟାଲ, କଳାଚମ୍ପା ୮୭୭.୭୦ କୁଇଣ୍ଟାଲ, ଆର୍‌ଏନ୍‌ଆର-୫୦୪୦୮ ଧାନ ୧୦୫.୩୦ କୁଇଣ୍ଟାଲ, ସିଆର୍-୧୦୦୯- ସବ୍ ୧ ଧାନ ୧୫୬.୬୦ କୁଇଣ୍ଟାଲ, ଏମ୍‌ଟିୟୁ-୧୦୬୧ ଧାନ ୩୦ କୁଇଣ୍ଟାଲ ଓ ମୃଣାଳିନୀ ଧାନ ୬୬୭.୪୦ କୁଇଣ୍ଟାଲ ବିହନ କଳାହାଣ୍ଡି ଜିଲାକୁ ଆସିଥିଲା। ହେଲେ ପସନ୍ଦ ଯୋଗ୍ୟ ବିହନ ମିଳୁ ନ ଥିବା ଯୋଗୁ ଚାଷୀମାନେ ବାଧ୍ୟ ହୋଇ ଚଢ଼ା ଦରରେ କମ୍ପାନୀ ଓ ଘରୋଇ ଡିଲରଙ୍କଠାରୁ କିଣୁଛନ୍ତି। ଆବଶ୍ୟକ ସ୍ଥଳେ ଅନ୍ୟ ଉପାୟ ନ ପାଇ ପାରମ୍ପରିକ ବିହନ ବୁଣିବାକୁ ଚାଷୀମାନେ ବାଧ୍ୟ ହେଉଛନ୍ତି । କମ୍ପାନୀ ପ୍ରଭାବରେ ସରକାରୀ ବିହନ ଉଭାନ ହେବା ପାଇଁ ଏକ ସୁପରିକଳ୍ପିତ ଷଡଯନ୍ତ୍ର ଚାଲିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ କୃଷି ଉପ ନିର୍ଦ୍ଦେଶକ ନରେନ୍ଦ୍ର ବେହେରା କହିଛନ୍ତି, ପ୍ୟାକ୍ସ, ଲେମ୍ପ ଓ ଘରୋଇ ଡିଲରମାନେ ଅର୍ଥ ଜମା କରିବା ପରେ ବିହନ ନିଗମ ସେମାନଙ୍କୁ ବିହନ ଯୋଗାଇଥାଏ। ତେଣୁ ବିହନ ଯୋଗାଣ କ୍ଷେତ୍ରରେ କୃଷି ବିଭାଗର କୌଣସି ଭୂମିକା ନାହିଁ। ଅଧିକାଂଶ ଚାଷୀ ନିଜର ବିହନ ଉପଯୋଗ କରିଥାନ୍ତି । ହେଲେ ପ୍ରତି ୩ ବର୍ଷରେ ଧାନ ବିହନ ପରିବର୍ତ୍ତନ ହେବା କଥା। ଗତବର୍ଷ ଖରିଫ ଋତୁରେ ବିହନ ନିଗମ ଜିଲାରେ ୨୧ ହଜାର ୪୮୦ କୁଇଣ୍ଟାଲ ଧାନ ବିହନ ବିକ୍ରି କରିଥିଲା। ଖରିଫ ଋତୁରେ ନିଗମ ଜିଲାରେ ୨୫ ହଜାର କୁଇଣ୍ଟାଲ ବିହନ ବିଭିନ୍ନ ପ୍ୟାକ୍ସ, ଲେମ୍ପ ଓ ଘରୋଇ ଡିଲରମାନଙ୍କୁ ଯୋଗାଇ ଦେଇଛି। ସେଥିରୁ ୧ ହଜାର କୁଇଣ୍ଟାଲ ବିହନ ବିକ୍ରି ହୋଇସାରିଲାଣି ବୋଲି କୃଷି ଉପନିର୍ଦ୍ଦେଶକ ବେହେରା କହିଛନ୍ତି। ଅନ୍ୟପକ୍ଷେ ଚାଷୀ ଶାନ୍ତନୁ କୁମାର ବେହେରା, ସୁନିଲ କୁମାର ବେହେରା, ବିଜୟ ମାଝି ଓ ମୁରଲି ମାଝି ପ୍ରମୁଖ କହିଛନ୍ତି, ଜିଲାରେ ୭୦ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ ଥିବା ବେଳେ ଏଯାଏଁ ଯାହା ମିଳିଛି ତାହା ସମୁଦ୍ରକୁ ଶଙ୍ଖେ । ଚାଷୀଙ୍କ ପସନ୍ଦ ମୁତାବକ ଧାନ ବିହନ ମିଳୁନାହିଁ। ଚାଷୀ ବାଧ ହୋଇ ନିଜର ପାରମ୍ପରିକ ଧାନ ବିହନ ବୁଣିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ଆଗରୁ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ବୋଲି ଚାଷୀମାନେ କହିଛନ୍ତି ।

## ଭିମ୍‌ସାରରେ କଟକଣା, ଅଇଁଠାପାଲିରେ ଅବହେଳା

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁରରେ ସ୍ୱାସ୍ଥ୍ୟ ସେବା ବିଗିଡ଼ି ଯାଇଛି। ବୁର୍ଲା ଭିମ୍‌ସାରରେ ଡାକ୍ତର ଓ ନର୍ସ କରୋନାରେ ସଂକ୍ରିତ ହୋଇଥିବାରୁ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଚିନ୍ତାରେ ପଡିଛି। ବୁଧବାରଠାରୁ ରୋଗୀ ସେବା ଉପରେ କଟକଣା ଲାଗିଛି। ସାଧାରଣ ରୋଗୀ ସେବା ବନ୍ଦ କରି ଦିଆଯାଇଛି। ଜରୁରୀ ଚିକିତ୍ସା ସେବାକୁ ଛାଡି ବାକି ସବୁ ବନ୍ଦ କରାଯାଇଛି। ସମସ୍ତ ଓପିଡି ଏବଂ ଅପରେଶନ ବନ୍ଦ କରାଯାଇଛି। କେବଳ ଜରୁରୀ ଅପରେଶନ କରାଯିବାକୁ ନିଷ୍ପତ୍ତି ହୋଇଛି। ଅଧକ୍ଷା ଜୟଶ୍ରୀ ଡୋରା କହିଛନ୍ତି ଯେ, ଭିମ୍‌ସାରରେ ଜରୁରୀ ଚିକିତ୍ସା କରାଯାଉଛି। ଜରୁରୀ ଅପରେଶନ କରାଯିବ। ଏଣୁ ଜିଲା ତଥା ଜିଲା ବାହାରୁ ଭିମସାରକୁ ଆସୁଥିବା ରୋଗୀଙ୍କ ପାଇଁ ଏବେ ବଡ ସମସ୍ୟା ହୋଇଛି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟକୁ କୋଭିଡ୍ ମେଡିକାଲରେ ପରିଣତ କରାଯାଇଛି। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ଲାଗି ଅଇଁଠାପାଲିସ୍ଥିତି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି। ଏଠାରେ କିନ୍ତୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ୨୪ ଘଣ୍ଟିଆ ଚିକିତ୍ସା କରାଯିବ ବୋଲି ଜିଲା ପ୍ରଶାସନ ଘୋଷଣା କରିଥିଲା। ହେଲେ ଅନେକ ସମୟରେ ଚିକିତ୍ସାରେ ଅବହେଳା କରାଯାଉଛି। ଡାକ୍ତର ଅନୁପସ୍ଥିତ ରହୁଛନ୍ତି। କେବଳ ସାମାନ୍ୟ ରୋଗୀଙ୍କୁ ଚିକିତ୍ସା କରାଯାଉଛି ବୋଲି ଅଭିଯୋଗ ଆସୁଛି। ଏଣୁ ଏବେ ସାଧାରଣ ରୋଗୀଟିଏ କ'ଣ କରିବ, କେଉଁଠିକୁ ଯିବ ବୋଲି ପ୍ରଶ୍ନ ଉଠୁଛି।

## ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

ସୁନ୍ଦରଗଡ,୧୫।୭ (ଡି.ଏନ୍.ଏ.)

ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସୁନ୍ଦରଗଡ ପବ୍ଲିକ ସ୍କୁଲର ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ୧୧୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ଯରୁ ୮୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତକଡା ୯୦ ପ୍ରତିଶତ ଓ ଏହାଠାରୁ ଅଧିକ ନମ୍ବର ରଖି ୧୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ୮୦ରୁ ୯୦ପ୍ରତିଶତ ମଧରେ ୧୩ଜଣ ରହଛନ୍ତି। ବୈଷ୍ଣବ କ୍ରିଷ୍ଣା ୯୮ ପ୍ରତିଶତ, ଅଂଶୁମାନ ସାହୁ ୯୭ ପ୍ରତିଶତ, ଆର୍ଯ୍ୟନ୍ ଆଚାର୍ଯ୍ୟ ୯୫.୬ ପ୍ରତିଶତ, ଆକାଂକ୍ଷା ବାରିକ ୯୫. ୪ ପ୍ରତିଶତ, ଅର୍ପିତା ପଟେଲ ୯୫.୨ ପ୍ରତିଶତ, ଶୁଭମ ସାହୁ ୯୪.୮ ପ୍ରତିଶତ, ଶୁଭଙ୍କିତା ପୁରୋହିତ ୯୩.୮, ସୌମ୍ୟାଂଶୁ ଶେଖର ଦେହୁରୀ ୯୩.୨ ପ୍ରତିଶତ, ଗୁନ୍‌ଗୁନ ଜୟସ୍ୱାଲ ୯୨.୮ ପ୍ରତିଶତ, ପ୍ରିୟରଞ୍ଜନ ମହାପାତ୍ର ୯୨.୨, ବିବେକାନନ୍ଦ ନାଏକ ୯୦.୪ ପ୍ରତିଶତ ମାର୍କ ରଖିଛନ୍ତି।



ଜୀବେ ଦୟା... ସମ୍ବଲପୁର ବିନାଖଣ୍ଡୀ ମହାନଦୀ ଘାଟରେ ଜଣେ ବ୍ୟକ୍ତି ଗୋଟିଏ ଗାଈକୁ ଖାଇବାକୁ ଦେଉଛନ୍ତି ।

## କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲେ ପରୀକ୍ଷାର୍ଥୀ



ଶୁଭଶ୍ରୀ ବିଶ୍ୱାଳ



ଉର୍ମି ମିଶ୍ର



ଜାହ୍ନବୀ ରାଠୀ



ଦେବଦତ୍ତ ପଟେଲ



ସିଦ୍ଧାର୍ଥ କୁମାର ପଣ୍ଡା

ସମ୍ବଲପୁର, ୧୫।୭ (ବ୍ୟୁରୋ)

କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଛି। ଏଥିରେ ସମ୍ବଲପୁରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲ ଅଧକ୍ଷା ଓ ଅଧକ୍ଷ ଛାତ୍ରୀଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଡିଏଭି ସ୍କୁଲ

ଏମସିଏଲ ଆନନ୍ଦ ବିହାରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ସ୍କୁଲର ୧୩୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ଯରୁ ୧୯ ଜଣ ୯୮%, ୪୭ ଜଣ ୯୦% ମାର୍କ ରଖି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି । ଉର୍ମି ମିଶ୍ର ୯୮.୨% ନମ୍ବର ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ବେଳେ ପ୍ରାଚ୍ୟୁର୍ଯ୍ୟା ବଡ଼େଇ ୯୭.୮%, ହର୍ଷ ଅଗ୍ରୱାଲ ୯୭.୬% ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ସଂସ୍କୃତରେ ୧୦ଜଣ, ଗଣିତରେ ୫ଜଣ ଓ ସାମାଜିକ ବିଜ୍ଞାନରେ ୪ଜଣ ଛାତ୍ରୀଛାତ୍ର ୧୦୦ ରୁ ୧୦୦ ମାର୍କ ରଖିଛନ୍ତି । ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କୁ ସ୍କୁଲ ଅଧକ୍ଷା ରଶ୍ମି ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି ।

### ବିକାଶ ସ୍କୁଲ

ସମ୍ବଲପୁର ଶାସନସ୍ଥିତ ବିକାଶ ଦ୍ କନସେପ୍ଟ ସ୍କୁଲର ଶତପ୍ରତିଶତ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି । ୧୭ ଜଣ ଛାତ୍ରୀଛାତ୍ର ୯୦% ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ ୯୬.୨% ମାର୍କ ରଖି ସ୍କୁଲରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି । ସେହିପରି ପ୍ରେରଣା ସାହୁ ୯୫.୨%, ପ୍ରତ୍ୟୋଷା ପ୍ରିୟଦର୍ଶନୀ ୯୪%, ଜ୍ୟୋତିରାଦିତ୍ୟ ମିଶ୍ର ୯୩.୪%, ତନିଶ ଅଗ୍ରୱାଲ ୯୩%, ଅଭିଷ୍ପା ପି. ପାତ୍ର ୯୨.୬%, ଶ୍ରୀଷ୍ଟିସୁଧା ନାୟକ ଓ ନେହା ଅଗ୍ରୱାଲ ଏବଂ ଶୁଭାଶିଷ ଦାଶ ୯୨.୪%, ସୌରଭ ଅଗ୍ରୱାଲ ୯୧.୮%, ଆଶୁତୋଷ ପାତ୍ର ଓ ସୁଧାଂଶୁ ରଞ୍ଜନ ଗୁପ୍ତା ୯୧%, ପ୍ରିୟାଂଶୁ ସାହୁ ୯୦.୮%, ମିରାମଞ୍ଜରୀ ବେହେରା ୯୦.୬%, ଅଂଶୁମାନ ହୋତା

### ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶିତ

୯୦.୪%, ସୁମିତ ସୁମନ ଦାଶ, ତ୍ରିଷ୍ଣା ଦାବସ ୯୦.୪% ମାର୍କ ରଖିଛନ୍ତି । ବିକାଶ ସମୁହ ଶିକ୍ଷାନୁଷ୍ଠାନ ଅଧକ୍ଷ ଡି. ମୂରଲୀ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ପ୍ରଶାସନିକ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ଓ ଭି. ଶ୍ରୀନିବାସ, ଏକାଡେମୀ ନିର୍ଦ୍ଦେଶକ ଜି. ରାମାକ୍ରିଷ୍ଣା, ପ୍ରଶାସନିକ ନିର୍ଦ୍ଦେଶକ ଡି. ବିବେକ, ନିର୍ଦ୍ଦେଶକ ଡ. ଏସ.ଏନ. ପଣ୍ଡା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିକାଶ ଜୁନିୟର କଲେଜ ଅଧକ୍ଷ ସଞ୍ଜୀବ ବାବୁ, କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ଏକାଡେମୀ ଅଧିକାରୀ ପୁଷ୍ପା ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି ।

### ଦିଲ୍ଲୀ ପବ୍ଲିକ ସ୍କୁଲ

ସମ୍ବଲପୁର ଶାସନସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ୩୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ପାସ କରିଛନ୍ତି । ସ୍କୁଲର ଦେବଦତ୍ତ ପଟେଲ ଓ ଜାହ୍ନବୀ ରାଠୀ ୯୪.୨% ନମ୍ବର ରଖି ସ୍କୁଲରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସେହିପରି ପ୍ରତିମା ସାହୁ ୯୦.୫% ଓ ଅନୁଷ୍କା ମିତ୍ତଲ ୮୯% ନମ୍ବର ରଖି ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି । ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଅଧକ୍ଷା ସୁଜାତା ଲେଙ୍କା ଶୁଭେଚ୍ଛା ଜଣାଇଛନ୍ତି।

### ଗୁରୁନାନକ ସ୍କୁଲ

ସମ୍ବଲପୁର ଦାନୀପାଲି ସ୍ଥିତ ଗୁରୁନାନକ ସ୍କୁଲର ୧୭୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ କୃତୀତ୍ୱ ହାସଲ କରିଛନ୍ତି । କୌଣସି ଛାତ୍ରୀଛାତ୍ର ଫେଲ୍ ହୋଇନାହାନ୍ତି । ୧୩ଜଣ ୯୦% ଓ ୪୩ଜଣ ୮୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ସିଦ୍ଧାର୍ଥ କୁମାର ପଣ୍ଡା ୯୬.୪%, କିର୍ତ୍ତୀ ସାହୁ ୯୫.୮%, ସ୍ମାରକସୌରଭ ପ୍ରଧାନ ୯୪.୬%, ପ୍ରଜ୍ଞାପରମିତା ଭୋଇ ୯୩.୪%, ତାରିଣୀ ପ୍ରସାଦ ସାହୁ ୯୩%, ଆୟୁଷ୍ମ ବର୍ଦ୍ଧନ ତ୍ରିପାଠୀ ୯୨.୬%, ଅନିରୁଦ୍ଧ ପାଢ଼ୀ ଓ ଶୁଭମ ଅଗ୍ରୱାଲ ୯୨%, ଜାହ୍ନବୀ ଦୋରା ୯୧.୬%, ପ୍ରତିକ କୁମାର ହୋତା ଓ ଭିଆର ସିଂ ଡିଙ୍ଗିରା ୯୦.୮%, କୌଶିକ କର୍ମକାର ୯୦.୪% ଓ ସୁଖି ପାଣ୍ଡେ ୯୦.୨ % ନମ୍ବର ରଖିଛନ୍ତି ବୋଲି ଅଧକ୍ଷ ଡ. ରବିନ୍ଦ୍ରନାଥ ଦାଶ ସୂଚୀତ କରିଛନ୍ତି ।

## କୋଇଲା ନେଇଗଲା, ପାଣି ଦେଲାନି

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ଖିଣ୍ଡା ପଞ୍ଚାୟତ ମାତୁଲୁକ୍ୟାମ୍ପ ପଡାବାସୀ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ କ୍ରମେ ପଡାରେ ୨୨୦ ପରିବାରର ଲୋକସଂଖ୍ୟା ହେଉଛି ୯୩୦। ପୂର୍ବରୁ ଗାଁ ନିକଟରେ ଏକ କମ୍ପାନୀ କୋଇଲା ଉତ୍ତୋଳନ କରି ବଡ ବଡ ଗାତ କରି ପଳାଇଛି। ଏଣୁ ଭୂ-ପୃଷ୍ଠ ଜଳସ୍ତର ବହୁ ତଳକୁ ଖସି ଯାଇଛି। ଏହା ଫଳରେ ଗାଁରେ ଥିବା କୂଅ, ନଳକୂଅରେ ପାଣି ଆସୁ ନାହିଁ। ଏଣୁ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ଉକ୍ତ କମ୍ପାନୀ ଯେତେବେଳେ କୋଇଲା ଉତ୍ତୋଳନ କରୁଥିଲା ସେତେବେଳେ ଟ୍ୟାଙ୍କର ଯୋଗେ ଗାଁରେ ପାଣି ଯୋଗାଇ ଦେଉଥିଲା। ହେଲେ ଏବେ କୋଇଲା ଖଣି ବନ୍ଦ ହୋଇଯାଇଥିବାରୁ କମ୍ପାନୀ ପାଣି ଦେବା ମଧ ବନ୍ଦ କରି ଦେଇଛି। ତେଣୁ ପାଇପ୍ ଯୋଗେ ପାଣି ଯୋଗାଇ ଦେବାକୁ ବ୍ୟବସ୍ଥା କରିବା ଲାଗି ଗାଁର ଜୟନ୍ତୀ ରୋହିଦାସ, ବୀଣାପାଣି ରୋହିଦାସ, କମଳା ରୋହିଦାସ, ଉମାକାନ୍ତ ରୋହିଦାସ, ମୀନା ରୋହିଦାସ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗ୍ରାମବାସୀ ।

## ଆଉ ଖୋଜାପଡୁନି ଦାଆ, ଲଙ୍ଗଳ

ନୂଆପଡ଼ା ଅଫିସ,୧୫।୭



ଜଣେ ଲୋହାର ସମ୍ପ୍ରଦାୟର ଯୁବକ ଲୁହାର ସାମଗ୍ରୀ ତିଆରି କରୁଛନ୍ତି ।

- ରୋଜଗାର ହରାଉଛନ୍ତି ଲୋହାର ସମ୍ପ୍ରଦାୟ
- ସଙ୍କଟରେ ୨ହଜାର ପରିବାର

ସରକାର ଏବେ ସ୍କିଲ୍ ଇଣ୍ଡିଆ କଥା କହୁଛନ୍ତି। ହେଲେ ବୈଷୟିକ ଜ୍ଞାନ କୌଶଳ ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି ସେହି ଅନୁପାତରେ ପାରମ୍ପରିକ ବୃତ୍ତିକୁ ଆପଣେଇ ପରିବାର ପ୍ରତିପୋଷଣ କରୁଥିବା ଲୋକଙ୍କ ପେଟପାଟଣା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି ହେଉଛି । ଏଠାରେ ଲୋହାର ସମ୍ପ୍ରଦାୟକୁ ଉଦାହରଣ ଭାବେ ନିଆଯାଇପାରେ । ନୂଆପଡ଼ା ଭଳି ପଛୁଆ ଜିଲାରେ ପୁରୁଷାନୁକ୍ରମେ ବସବାସ କରୁଥିବା ଏହି ସମ୍ପ୍ରଦାୟର ଜୀବନଜୀବିକା ଏବେ ସମସ୍ୟା ଘେରକୁ ଚାଲିଯାଇଛି।

ଲୋହାର ସମ୍ପ୍ରଦାୟର ଲୋକମାନେ ଘରେ ଲୁହାର ଟାଙ୍ଗିଆ, ଲଙ୍ଗଳ, ଦାଆ, ପନିକି, ଲକ୍ଷ୍ମୀ ଖଟୁଲି ଆଦି ସାମଗ୍ରୀ ତିଆରି କରି ବଜାରରେ ବିକ୍ରି କରୁଥିଲେ । ଏଥିରେ ସେମାନଙ୍କ ପରିବାର ଚଳୁଥିଲା । ହେଲେ ପ୍ଲାଷ୍ଟିକ, ଷ୍ଟିଲ୍ ସାମଗ୍ରୀ ବଜାରକୁ ଆସିବା ପରେ ଲୋହାରଙ୍କ ପାରମ୍ପରିକ ସାମଗ୍ରୀର ଚାହିଦା ପ୍ରଭାବିତ ହୋଇଥିଲା। କେବଳ ସେତିକି ନୁହେଁ ଏବେ ବଡ଼ ବଡ଼ କମ୍ପାନୀ ଉପରୋକ୍ତ ସାମଗ୍ରୀ ତିଆରି କଲେ । ଲୋକେ ବିଭିନ୍ନ ହାଟ ବଜାରରେ ରେଡିମେଡ୍ ଲୁହା ସାମଗ୍ରୀ ପାଇବାରୁ ଲୋହାରଙ୍କ ବ୍ୟବସାୟରେ ବାଧା ସୃଷ୍ଟି ହୋଇଥିଲା । ଏ ସଂକ୍ରାନ୍ତରେ ସ୍ଥାନୀୟ ସାରାବଙ୍ଗ ଗାଁର କୁଶଳ ଲୋହାର କୁହନ୍ତି, ମୁଁ ଗତ ୪୦ବର୍ଷ ହେବ ଲୁହାରେ ବିଭିନ୍ନ ସାମଗ୍ରୀ ତିଆରି କରି ପରିବାର ପୋଷୁଥିଲି । ହେଲେ ଗତ ୮ରୁ ୧୦ବର୍ଷ ହେବ ଆମ ବେଉସା ପ୍ରଭାବିତ ହୋଇଛି। ସେତେବେଳେ ପ୍ରତି ଘରେ ଆମ ହାତ ତିଆରି ସାମଗ୍ରୀ ବ୍ୟବହାର ହେଉଥିଲା। ଚାଷୀମାନେ ଲୁହା ଲଙ୍ଗଳ ବ୍ୟବହାର କରୁଥିଲେ । ଚାଷ ସମୟ ଆସିଲେ ବେଶ୍ ଦୁଇପଇସା ରୋଜଗାର ହେଉଥିଲା । ହେଲେ ବର୍ତ୍ତମାନ ଟ୍ରାକ୍ଟର, ପାୱାରଟିଲର ଯୁଗ । ଆଉ ହଳ ବଳଦ ନାହିଁ। ସେଥିପାଇଁ ଲୋହାରଙ୍କ କାମଧନ୍ଦା ବନ୍ଦ ହୋଇଯାଇଛି। ଏପରି ପରିସ୍ଥିତିରେ ଦିନକୁ ଶହେଟଙ୍କା ରୋଜଗାର କରିବା କଷ୍ଟକର ହେଲାଣି । ଜମିବାଡି ବୋଲି କିଛି ନାହିଁ। ସେଥିପାଇଁ ବହୁ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି।

କେବଳ କୁଶଳ ନୁହନ୍ତି, ନୂଆପଡ଼ା ଜିଲାର ପ୍ରାୟ ୨ହଜାର ଲୋହାର ପରିବାର ବେଉସା ହରାଇଛନ୍ତି ବୋଲି ଏକ ସ୍ୱେଚ୍ଛାସେବୀ ସଂଗଠନ ମୁଖ୍ୟ କହିଛନ୍ତି । ସ୍କିଲ୍ ଇଣ୍ଡିଆ କୌଳିକ ବୃତ୍ତିକୁ ଗୁରୁତ୍ୱ ଦେଲେ ଆମ ପାରମ୍ପରିକ ବେଉସା ଅଧିକ ଉନ୍ନତମାନର ହୋଇପାରିବ ବୋଲି ସେ କହିଛନ୍ତି। ଏଥିସହିତ ସରକାର ଲୋହାର ସମ୍ପ୍ରଦାୟକୁ ଆର୍ଥିକ ସହାୟତା ଯୋଗାଇ ଦୋବାକୁ ଦାବି ହୋଇଛି ।

